# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ।

Preparatory meeting for Celebration of Republic Day.

## ନିଜ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ ହେବେ ବୁଥ ସ୍ତରୀୟ ଅଧିକାରୀ,ଆଶା ଓ ଅଙ୍ଗନୱାଡି କର୍ମୀ ।

ଅନୁଗୋଳ,ତା.୦୪.୦୧:- ୭୧ ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲାପାଳ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସରସ ଓ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଂକର ସହଯୋଗ କାମନା କରିଥିଲେ । ସାଧାରଣତନ୍ତ୍ର ଦିବସ ପାଳନକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଚଳିତ ବର୍ଷ ସମସ୍ତ ସରକାରୀ ବିଭାଗ ,ରାଷ୍ଟ୍ରାୟତ୍ତ ସଂସ୍ଥା ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ଆଲୋକମାଳରେ ସଜାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ବିଭିନ୍ନ ସରକାରୀ ବିଭାଗ ଓ ରାଷ୍ଟ୍ରାୟତ୍ତ ସଂସ୍ଥା ଦ୍ୱାରା ପରେଡ ପଡିଆରେ ପ୍ରଜ୍ଞାପନ ମେଢ ପରିକ୍ରମା କରି ବିଭାଗୀୟ କାର୍ଯ୍ୟକ୍ରମକୁ ନେଇ ସଚେତନତା ସୃଷ୍ଟି କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପଡିଆରେ ଆବଶ୍ୟକ ବ୍ୟାରିକେଡିଂ ସହ ଅନ୍ୟାନ୍ୟ ଆନୁସଂଗିକ ସାଜ ସଜା କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଂକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀମାନଂକ ମଧ୍ୟରେ ବକ୍ତୃତା,ଦେଶାତ୍ମବୋଧକ କଣ୍ଠ ସଂଗୀତ ଓ ଚିତ୍ରାଂକନ ପ୍ରତିଯୋଗିତା ଚଳିତ ମାସ୧୬ ଓ ୧୭ ତାରିଖରେ ଆୟୋଜିତ ହେବ । ସେହିପରି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ଛାତ୍ରୀମାନକ ମଧ୍ୟରେ ବକ୍ତୃତା(ତର୍କ) ଓ ପ୍ରି-ସ୍କୁଲ ଛାତ୍ର ଛାତ୍ରୀମାନଂକ ମଧ୍ୟରେ ଚିତ୍ରାଂକନ(ରଂଗୋଭରୋ) ପ୍ରତିଯୋଗିତା ମଧ୍ୟ ୧୭ ତାରିଖରେ ଅନୁଷ୍ଠିତ ହେବ । ପ୍ରଥମରୁ ପଂଚମ ଶ୍ରେଣୀ ଛାତ୍ର ଛାତ୍ରୀମାନଂକ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନଂକ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା ସାଧାରଣତନ୍ତ୍ର ଦିବସ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଅପରାହ୍ନ ୪.୦୦ ଘଟିକାରେ ଅନୁଷ୍ଠିତ ହେବ । ଏହାଛଡା ପରେଡ ଅଭ୍ୟାସ ଚଳିତ ମାସ ୨୨,୨୩ ଓ ୨୪ ତାରିଖ ୩ ଦିନ ଧରି ସ୍ଥାନୀୟ ଷ୍ଟାଡିୟମ ପଡିଆରେ ସକାଳ ୮ ଘଟିକା ସମୟରେ ଅନୁଷ୍ଠିତ ହେବ । ପଡିଆରେ ଆବଶ୍ୟକ ସ୍ଥାନର ଅଭାବ ଯୋଗୁଁ ୫୦ ଟି ପ୍ଲାଟୁନକୁ ଆନୁଷ୍ଠାନିକ ପରେଡ ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ସେହିପରି ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବ୍ଲଡ ବ୍ୟାଂକ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ରକ୍ତଦାନ ଶିବିର,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୋଗୀମାନଂକୁ ଫଳ ବଣ୍ଟନ ଓ 'ଏ' ଟି ଭି ତରଫରୁ ଅନୁଗୋଳ ଜେଲର ଅନ୍ତେବାସୀମାନଂକ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । କ୍ରୀଡା କ୍ଷେତ୍ରରେ ଜିଲ୍ଲାରୁ ପ୍ରତିନିଧିତ୍ୱ

କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହାଛଡା ଜିଲ୍ଲାରେ କାର୍ଯ୍ୟରତ ବୁଥ୍ ସ୍ତରୀୟ ଅଧିକାରୀ, ଆଶା ଓ ଅଂଗନୱାଡି କର୍ମୀମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ନିର୍ଦ୍ଧାରିତ ସମୟ ସକାଳ ୯.୧୫ ମିନିଟ୍ ସମୟରେ ଅନୁଗୋଳ ଷ୍ଟାଡିୟମ ଠାରେ ରାଜ୍ୟ ସରକାରଂକ ଦ୍ୱାରା ସ୍ଥିରିକୃତ ମୁଖ୍ୟ ଅତିଥି ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ କ୍ୟାଡେଟମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରିବେ । ସକାଳ ୬.୩୦ ମିନିଟରୁ ୭ ଘଟିକା ମଧ୍ୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ କରାଯିବ । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯାଇ ଏହି ଉତ୍ସବର ଶୁଭାରମ୍ଭ କରାଯିବ । ଏହାଛଡା ବିଭିନ୍ନ ଅନୁଷ୍ଠାନରେ ସକାଳ ୭.୩୦ ଘଟିକା ସମୟରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ସେହିପରି ମୁଖ୍ୟ ଉତ୍ସବ ଦିନ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମପରିବେଷଣ କରାଯିବ । ଗତ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜାରେ ଆକର୍ଷଣୀୟ ମେଢ ସାଜ ସଜ୍ଜା ଓ ଆତସବାଜୀ କାର୍ଯ୍ୟକ୍ରମର ଶ୍ରେଷ୍ଠ ପୂଜା କମିଟୀଗୁଡିକୁ ଜିଲ୍ଲା ବସ ମାଲିକ ସଂଘ ଓ ଟ୍ରକ ମାଲିକ ସଂଘ ଦ୍ୱାରା ସମ୍ବର୍ଦ୍ଧିତ କରାଯିବ । ଆନୁଷ୍ଠାନିକ ପରେଡ ମାର୍ଚ୍ଚ ପାଷ୍ଟ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ,ସରକାରୀ ଓ ବେସରକାରୀ ବିଭାଗର କର୍ମକର୍ତ୍ତା,ସ୍ୱେଚ୍ଛାସେବୀ,ବିଶିଷ୍ଟ ବ୍ୟକ୍ତି,ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ବୈଠକର ବିବରଣୀ ପାଠ କରିଥିଲେ ।


2020.01.04 16:11


2020.01.04 16:19